# Akashvani, Sambalpur

# SAMBALPURI NEWS BULLETIN

## 3 November 2025 – 6.47- 6.52 am.

****************************************************

ରାଜ୍ୟପାଲ୍ I&PR

ହିନ୍ଦୀ ଖାଲି ଭାବ୍‌ନାର୍ ଭାଷା ନାଇଁ ହେଇକରି ବିଜ୍ଞାନ୍, ପ୍ରଯୁକ୍ତି ବିଦ୍ୟା ଆଉ ପ୍ରଗତିର୍ ଭାଷା ହେଉ ବଲି ରାଜ୍ୟପାଲ୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ରାଜ୍ୟ ରାଜଭବନ୍ ଠାନେ ଗଲାକାଏଲ୍ ବିଶ୍ୱ ହିନ୍ଦୀ ପରିଷଦ୍ ଓଡ଼ିଶା ପ୍ରାନ୍ତ ତର୍‌ଫୁ ହେଇଥିବା ସମ୍ବର୍ଦ୍ଧନା ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରାଜ୍ୟପାଲ୍ ଡକ୍ଟର୍ କମ୍ଭମ୍‌ପାଟି ହିନ୍ଦୀ ଭାଷାର୍ ପ୍ରଚାର୍ ପ୍ରସାର୍ ସମୃଦ୍ଧି ଲାଗି ପରିଷଦ୍‌ର ନିଷ୍ଠା ଆଉ ପ୍ରତିବଦ୍ଧତାକେ ପ୍ରଶଂସା କରିଛନ୍ । ହିନ୍ଦୀ ପରିଷଦ୍ ବାଗିର୍ ସଂଗଠନ୍ ମାନ୍‌କର୍ ଲାଗି ଆଏଜ୍ ହିନ୍ଦୀ ଭାଷା ବିଶ୍ୱସ୍ତର୍‌ଥି ବ୍ୟବହାର୍ ହେଇପାରିଛେ ବଲି ରାଜ୍ୟପାଲ୍ କହିଛନ୍ ।

ଜାତୀୟ ସୁଭଦ୍ରା ଶକ୍ତିମେଳା I&PR

ଭୁବ୍‌ନେଶ୍ୱର୍ ଇଡ଼୍‌କୋ ପ୍ରଦର୍ଶନୀ ପଡ଼ିଆ ନ ଚାଲିଥିବା ଜାତୀୟ ସୁଭଦ୍ରା ଶକ୍ତିମେଳା ଥି ଇ ବଛର୍ ରାଜ୍ୟ ଆଉ ରାଜ୍ୟ ବାହାରୁ ଲାଗିଥିବା ୩ ଶହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନ୍‌କର୍ ଷ୍ଟଲ୍ ମୁଖ୍ୟ ଆକର୍ଷଣ୍ ସାଜିଛେ । ଭିନ୍ ଭିନ୍ ଘର୍‌କର୍‌ନା ଦରବ୍‌ର ଘିନାବିକା ଜବର୍ ଚାଲିଛେ । ଖାସ୍ କରି ଚାହିଦା ଅନ୍‌ସାରେ ସାଙ୍ଗେସାଙ୍ଗ ତିଆର୍ ହଉଥିବା ଦରବ୍‌ର ଷ୍ଟଲ୍ ମାନ୍‌କେ ବହୁତ୍ ଭିଡ଼୍ ଲାଗୁଛନ୍ । ମେଳାର୍ ୨ ନମ୍ବର୍ ଦିନେ ଗଲାକାଏଲ୍ ସମ୍ବଲ୍‌ପୁରୀ ନାଚ୍ ସହେତେ ପୁରୀ ରାମନାଟ୍ୟ ପରିଷଦ୍ ତର୍‌ଫୁ କୃଷ୍ଣଲୀଳା ଗୀତିନାଟ୍ୟକେ ଦର୍ଶକମାନେ ବହୁତ୍ ପସନ୍ଦ୍ କରିଥିଲେ ।

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣି ବନ୍ଦ୍ ହି.ସ.

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏଜ୍ ବନ୍ଦ୍ ରହେବା । ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ଦିଆଯାଇଥିବା ସୂଚ୍‌ନା ଅନ୍‌ସାରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଲ୍‌ଗା ଜରୁରୀ କାମ୍ ଥିବାର୍‌ନୁ ଶୁଣାଣିକେ ବନ୍ଦ୍ ରଖାଯାଇଛେ । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ପୃଥ୍ୱୀରାଜ ହରିଚନ୍ଦନ୍- ଶ୍ରୀମନ୍ଦିର ଆର୍ଏନ୍ୟୁ/ କଟକ୍

ଭକ୍ତମାନ୍କର୍ ଶୃଙ୍ଖଳିତ୍ ଦର୍ଶନ୍ ଲାଗି କାର୍ତ୍ତିକ୍ ମାସ୍ ଶେଷ୍ ହେବାର୍ ଉତ୍ରୁ ପୁରୀ ଶ୍ରୀମନ୍ଦିର୍ ନ ଧାଡ଼ି ଦର୍ଶନ୍ ବ୍ୟବସ୍ଥା ମୁଲ୍ ହେବା ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଆଏବା ବୁଧବାର୍ କାର୍ତ୍ତିକ୍ ପୁନି ଶେଷ୍ ହେବାର୍ ଉତ୍ରୁ ରତ୍ନଭଣ୍ଡାର୍ ଗନ୍ତି କାମ୍ ଲାଗି ପ୍ରକ୍ରିୟା ମୁଲ୍ ହେବା । ଇଥିର୍‌ଲାଗି ମାର୍ଗଦର୍ଶିକା ଆସ୍‌ବାର୍ ଉତ୍ରୁ ଧାଡ଼ି ଦର୍ଶନ୍ ଆଉ ରତ୍ନଭଣ୍ଡାର୍ ଗନ୍ତି ଲାଗି ପଦକ୍ଷେପ୍ ନିଆଯିବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

(ଭଏସ୍ ଓଭର୍- ପୃଥ୍ୱୀରାଜ୍ ହରିଚନ୍ଦନ୍)

ଫଂଚ୍କ ପୁରୀ/ ସୁବର୍ଣ୍ଣପୁର୍ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ କାର୍ତ୍ତିକ୍ ମାସର୍ ଉଜଲ୍ ପଖର୍ ତ୍ରୟୋଦଶୀ ତିଥି ଅବ୍‌ସରେ ଆଏଜ୍ ମାହାପୁରୁଙ୍କର୍ ତ୍ରିବିକ୍ରମ୍ ବେଶ୍ ସଙ୍ଗେ ଆଡ଼କିଆ ନୀତି କରାଯିବା । ଇତାର୍‌ସହେତେ ଅଧାରାତି ଆଡ଼େ ବଡ଼ସିଂହାର ବେଶ ଆଉ ଗରୁଡ଼ ଉତ୍‌ଥାନ ନୀତି କରାଯିବା । ଇ ବଛର୍ ଦ୍ୱାଦଶୀ ତିଥି କ୍ଷୟ ହେଇଥିବାର୍‌ନୁ ମାହାପୁରୁଙ୍କର୍ ବାଙ୍କଚୂଡ଼ା ବେଶ କରା ନାଇଁ ଯାଇ ।

ଆଏବା କାଏଲ୍ ଲକ୍ଷ୍ମୀ ନୃସିଂହବେଶ ଆଉ ବୁଧବାର୍ ଦିନ ପୁନି ଅବ୍‌ସରେ ମାହାପୁରୁମାନ୍‌କର୍ ରାଜରାଜେଶ୍ୱର ଆଉ ସୁନାବେଶ କରାଯିବା ।

ଅନ୍ତର୍ଜାତୀୟ ଜୈବମଣ୍ଡଳ ସଂରକ୍ଷଣ୍ ଦିବସ ଆର୍‌ଏନ୍‌ୟୁ/ କଟକ୍

ଆଏଜ୍ ହେଉଛେ "ଅନ୍ତର୍ଜାତୀୟ ଜୈବମଣ୍ଡଳ ସଂରକ୍ଷଣ୍ ଦିବସ୍" । ପରିବେଶ୍ ଆର୍ ଲୁକ୍‌କର୍ ଭିତ୍‌ରେ ସମ୍ପର୍କକେ ବର୍‌କସ୍ କର୍‌ବାର୍ ସହେତେ ଜୈବ ବିବିଧତାର ସଂରକ୍ଷଣ୍‌ଥି ଲୋକ୍‌ମାନ୍‌କର୍ ଭୂମିକାର୍ ବାର୍ତାକେ ନେଇକରି ଇ ଦିବସ୍ ପାଲନ୍ କରାଯାଏସି । ୨୦୨୧ ମସିହାଥି ୟୁନେସ୍କୋର ସାଧାରଣ ଅଧିବେଶନ୍‌ଥି ଇ ଦିବସ୍ ପାଲନ୍ ଲାଗି ନିଷ୍ପତି ନିଆଯାଇଥିଲା । ୟୁନେସ୍କୋର୍ ତଥ୍ୟ ଅନ୍‌ସାରେ ପୁର୍‌ଥିର୍ ଶହେ ୩୬ ଟା ଦେଶେ ୭ ଶହ ୫୯ ଟା ଜୈବ ମଣ୍ଡଲ୍ ସଂରକ୍ଷଣ୍ ଜାଗା ଅଛେ ।

କବାଡ଼ି ଏକାଡେମୀ-ସମ୍ବଲପୁର ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ନ ଖୋବ୍ ଜଲ୍‌ଦି କବାଡ଼ି ଏକାଡେମୀ ଥାପ୍‌ନା କରାଯିବା ବଲି ରାଜ୍ୟ କ୍ରୀଡ଼ା ଆଉ ଯୁବ ବ୍ୟାପାର୍ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ସମ୍ବଲ୍‌ପୁର୍ ଗସ୍ତଥି ଆସିଥିବା ଶ୍ରୀ ସୂରଜ୍ ଗଲାକାଏଲ୍ ସହରର୍ କୁଞ୍ଜେଲ୍‌ପଡ଼ା ଠାନେ ଥିବା କବାଡ଼ି ତାଲିମ୍ କେନ୍ଦ୍ର ବୁଲି

ଦେଖିକରି ସୁବିଧା ଅସୁବିଧା ପଚ୍‌ରେଇ ବୁଝିଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ସୁରଜ୍ କହିଛନ୍, ସମ୍ବଲ୍‌ପୁର୍ ନ କବାଡ଼ି ଏକାଡେମୀ ଖୁଲ୍‌ବାର୍ ଆଘୋନୁ ପହେଲା କବାଡ଼ି ଲାଗି ଦର୍‌କାର୍ ମୌଳିକ୍ ଭିତିଭୂମିର୍ ବିକାଶ୍ କରାଯିବା । ଇନ ଥିବା ତାଲିମ୍ କେନ୍ଦ୍ରର ଉନ୍ନତି ଲାଗି ଜିଲ୍ଲାପାଲ୍‌ଙ୍କର୍ ସାଙ୍ଗେ ଆଲୋଚନା କରିଛନ୍ ବଲି ଶ୍ରୀ ସୂରଜ୍ କହିଛନ୍ । ଇ ଅବ୍‌ସରେ କ୍ରୀଡ଼ାମନ୍ତ୍ରୀ କବାଡ଼ି ଖେଲ୍‌ଥି ଅନ୍ତର୍ଜାତୀୟ ସ୍ତର୍‌ଥି ସ୍ୱର୍ଣ୍ଣପଦକ୍ ଜିତିଥିବା ସମ୍ବଲ୍‌ପୁର୍‌ର ପ୍ରିୟଙ୍କା ପ୍ରଧାନ୍‌ଙ୍କୁ ସମ୍ବର୍ଦ୍ଧିତ୍ କରିଥିଲେ ।

## ମହିଳା ଦିନ୍‌କିଆ ବିଶ୍ୱକପ୍ କ୍ରିକେଟ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଇସିସି ମହିଳା ଦିନ୍‌କିଆ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର୍ ଫାଇନାଲ୍ ମୁକାବିଲାଥି ଗଲାକାଏଲ୍ ଭାରତୀୟ ଦଲ୍ ଚମ୍ପିଆନ୍ ହେଇଛେ । ଭାରତୀୟ ମହିଳା ଦଲ୍ ପହେଲାକରି ବିଶ୍ୱ ଚମ୍ପିଆନ୍ ହେଇଛେ । ଗଲାକାଏଲ୍ ନଓ୍ୱୀ ମୁମ୍ବାଇ ଡିଓ୍ୱାଇ ପାଟିଲ୍ ଷ୍ଟାଡ଼ିୟମ୍ ନ ହେଇଥିବା ଫାଇନାଲ୍ ମେଚ୍‌ଥି ଭାରତ୍ ଦକ୍ଷିଣ ଆଫ୍ରିକାକେ ୫୨ ରନ୍‌ଥି ହରେଇଛେ । ପହେଲା ବେଟିଂ କରିକରି ଭାରତ୍ ୨ ଶହ ୯୮ ରନ୍ କରିଥିଲା । ଇତାର୍ ଜବାବ୍‌ଥି ଦକ୍ଷିଣ ଆଫ୍ରିକା ଦଲ୍ ୪୫ ଓଭର୍ ୩ ବଲ୍‌ଥି ସବୁ ଓ୍ୱିକେଟ୍ ହରେଇକରି ୨ ଶହ ୪୬ ରନ୍ କରିଥିଲା । ବୋଲର୍

ସେଫାଲୀ ବର୍ମା ପ୍ଲେୟର୍ ଅଫ୍ ଦି ମେଚ୍ ଆଉ ଦିପ୍ତୀ ଶର୍ମା ପ୍ଲେୟାର୍ ଅଫ୍ ଦି ଟୁର୍ଣ୍ଣାମେଂଟ୍ ହେଇଛନ୍ ।
ଇ ଜିତ୍ ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ସବୁ ମହଲ୍‌ନୁ ଭାରତୀୟ ଦଲ୍‌କେ ଶୁଭେଚ୍ଛାର୍ ବାର୍ତା ଦିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପୂର୍ବ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ଆଉ ମିଆଁମାର୍ ପାଖର୍ ଇଲାକା ନ ଗୁଟେ ଲଘୁଚାପ୍ କ୍ଷେତ୍ର ବନିଛେ । ଆଏବା ୪୮ ଘଂଟା ଭିତ୍‌ରେ ଇଟା ଉତର୍ ଆଉ ଉତର୍ ପଶ୍ଚିମ ଦିଗ୍‌କେ ଯିବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨ ଦିନ୍ ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ହାଲ୍‌କାନୁ ମଧମ୍ ଧରଣ୍‌ର ବର୍ଷା ହେଇପାରେ । ବାକି ଜାଗା ମାନ୍‌କେ ୮ ତାରିଖ୍‌ତକ୍ ପାଗ୍ ଶୁଖା ରହେବା । ଆଏବା ଦିନେ ଦୁଇଦିନ୍ ଭିତ୍‌ରେ ରାତିର୍ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ କମିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।